# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 October – 2025**

## ଜାତୀୟ ଏକତା ଦିବସ

‘ଏକ ଭାରତ ଶ୍ରେଷ୍ଠ ଭାରତ’ର ଭାବନାକୁ ପୁନଃ ସୁଦୃଢ଼ କରିବାପାଇଁ ଆସନ୍ତାକାଲି ଦେଶବ୍ୟାପୀ ‘ଏକତା ପାଇଁ ଦୌଡ଼’ ଅଭିଯାନ ଅନୁଷ୍ଠିତ ହେବ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ୱତନ୍ତ୍ର କରିବାପାଇଁ ଏହି ଏକତା ଦୌଡ଼ର ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ସମାରୋହରେ ଯୋଗଦେଇ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧ ହଜାର ୧୪୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ସ୍ମରଣ କରିବା ପାଇଁ ଚଳିତବର୍ଷ ରାଜ୍ୟର ୩୪ଟି ପୋଲିସ ଜିଲ୍ଲା ଅଧୀନରେ ଥିବା ସମସ୍ତ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବା ସହିତ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କଟକସ୍ଥିତ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

## ବାତ୍ୟା ମୋନ୍ଥା-ସମୀକ୍ଷା

ସାମୁଦ୍ରିକ ଝଡ଼ ମୋନ୍ଥାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗିରହିଛି । ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ

କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତ ମାନଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ସରକାରୀ ସୂଚନା ଅନୁସାରେ ମୋନ୍ଥାର ପ୍ରଭାବରେ ରାଜ୍ୟର ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି ।

# କିଶୋର ସମାବେଶ

କିଶୋର ଅବସ୍ଥାରେ ମାନସିକ ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ମଧ୍ୟରେ ଥିବା ଦକ୍ଷତା ବୃଦ୍ଧି ନିମନ୍ତେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ କିଶୋର-କିଶୋରୀ ସମାବେଶର ଉଦ୍‌ଯାପନୀ ଉତ୍ସବରେ ଗତକାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି କିଶୋରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ଖୋଲାଖୋଲି ଭାବେ ମତବ୍ୟକ୍ତ କରିବା ପାଇଁ ପରିବାରରେ ମୁକ୍ତ ପରିବେଶ ସୃଷ୍ଟି ହେବାର ଆବଶ୍ୟକତା ରହିଛି । ଅଙ୍ଗନବାଡି ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶଂସା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ରାଜ୍ୟର ପ୍ରାୟ ୩୦ଲକ୍ଷ କିଶୋରୀଙ୍କୁ ଦକ୍ଷତା ଶିକ୍ଷା ପ୍ରଦାନ କରାଯାଇଛି ।

# ବାୟୋଗ୍ୟାସ୍ ପ୍ଲାଣ୍ଟ

ସମ୍ବଲପୁରଠାରେ ୧୩୨ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୦ ଟନ୍ କ୍ଷମତା ବିଶିଷ୍ଟ ବର୍ଜ୍ୟବସ୍ତୁ ପରିଚାଳିତ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ହେବ । ଭାରତୀୟ ତୈଳ ନିଗମ ଏବଂ ସମ୍ବଲପୁର ମହାନଗର ନିଗମ ମଧ୍ୟରେ ଏନେଇ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି ।ଏହି ପ୍ଲାଣ୍ଟରୁ ଦୈନିକ ୮ ଟନ୍ ବାୟୋଗ୍ୟାସ୍ ବାହାରିବ । ଏଥିସହିତ ପ୍ଲାଣ୍ଟରୁ ପ୍ରାୟ ୧୮ଟନ୍ ସାର ଉତ୍ପାଦନ କ୍ଷମତା ଉତ୍ପାଦନ ହେବ ବୋଲି ମହାନଗର ନିଗମ କର୍ତ୍ତୃପକ୍ଷ କହିଛନ୍ତି । ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ପ୍ରତ୍ୟେକ ଦିନ ୨୦୦ଟନ୍ ବର୍ଜ୍ୟବସ୍ତୁ ବାହାରିଥାଏ ।

# ମୋନ୍ଥା କ୍ଷୟକ୍ଷତି-ବୈଠକ

ଗଞ୍ଜାମ ଜିଲ୍ଲାରେ ବାତ୍ୟା ମୋନ୍ଥା ଓ ଲଗାଣ ବର୍ଷାରେ ଘଟିଥିବା କ୍ଷୟକ୍ଷତି ନେଇ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁସାରେ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରୁ ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକମାନଙ୍କୁ ଘରକୁ ପଠାଯିବ ।

## ପଛୁଆବର୍ଗ କମିଶନ୍

ଜାତୀୟ ପଛୁଆ ବର୍ଗ କମିଶନ୍ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର୍ ଓଡ଼ିଶା ଗସ୍ତରେ ଆସି ଗତକାଲି ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ରାଜ୍ୟର ବିଭିନ୍ନ ଜାତିବର୍ଗ, ସଙ୍ଗଠନର ଅଭିଯୋଗପତ୍ର ଗ୍ରହଣ କରିଛନ୍ତି । ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଜାତିବର୍ଗର ପ୍ରତିନିଧି ନିଜ ଜାତିକୁ ପଛୁଆବର୍ଗରେ ସାମିଲ୍ କରିବାପାଇଁ କମିଶନ୍‌ଙ୍କୁ ଦାବି ଉପସ୍ଥାପନ କରିଛନ୍ତି । ପଛୁଆବର୍ଗରେ ସାମିଲ୍ ହୋଇ ନ ଥିବା ବର୍ଗଙ୍କୁ କିଭଳି ଏଥିରେ ସାମିଲ୍ କରାଯିବ, ସେନେଇ ବିଭିନ୍ନ ଦିଗରୁ ତର୍ଜମା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଅହିର୍ କହିଛନ୍ତି ।

## ଯୁକ୍ତ ଦୁଇ ଫର୍ମ ପୂରଣ ଅବଧି

ଯୁକ୍ତ ଦୁଇ ପାଠ୍ୟକ୍ରମର ବାର୍ଷିକ ପରୀକ୍ଷା ଫର୍ମ ପୂରଣ ଅବଧିକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ, ବାତ୍ୟା ମୋନ୍ଥା ଯୋଗୁଁ କେତେକ ସ୍କୁଲ ଏବଂ ଛାତ୍ରଛାତ୍ରୀମାନଙ୍କ ଅଭିଭାବକଙ୍କଠାରୁ ପରୀକ୍ଷା ଫର୍ମ ପୂରଣ ଅବଧିକୁ ବୃଦ୍ଧି କରିବା ନେଇ ଅନୁରୋଧ ମିଳିବା ପରେ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି ।

## ବିଶ୍ୱ ମିତବ୍ୟୟିତା ଦିବସ

ଜନସାଧାରଣଙ୍କୁ ଆର୍ଥିକ ସୁରକ୍ଷା ଏବଂ ସଞ୍ଚୟର ଗୁରୁତ୍ୱକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ମିତବ୍ୟୟିତା ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ'

ଶୀର୍ଷକକୁ ନେଇ ଏହି ଦିବସ ପାଳନ କରାଯାଉଛି । ନିୟମିତ ସଞ୍ଚୟ ବ୍ୟକ୍ତିଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ଅତ୍ୟାବଶ୍ୟକ କାର୍ଯ୍ୟ କରିବା ପାଇଁ ପାଣ୍ଠି ଯୋଗାଇଥାଏ ।

ଏହି ଅବସରରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟ ଏକାନ୍ତ ଅପରିହାର୍ଯ୍ୟ । ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର କରି ମିତବ୍ୟୟତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ସହିତ ସମସ୍ତଙ୍କୁ ସଂକଳ୍ପ ନେବାପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ ସୁରକ୍ଷିତ ଜୀବନ ଯାପନପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି ।